ମନୁ ଖଡ଼ିରତ୍ନଙ୍କ କୃତ

ଗୁଉଳ ଭଙ୍ଗା

ଓଷାକଥା

(ନୂତନ ମୁଦ୍ରଣ)

ପ୍ରକାଶକ—ଧର୍ମଗ୍ରନ୍ଥ ଭଣ୍ଡାର

ପ୍ରାପ୍ତି ସ୍ଥାନ—ଧର୍ମଗ୍ରନ୍ଥ ଷ୍ଟୋର
ସଞ୍ଚାଳକ—ଶ୍ରୀ ବିଦ୍ୟାଧର ସାହୁ
ଆଲିଶାବଜାର, କଟକ-୨
ଫୋନ୍ ନଂ-୨୪୭୯୬

ମୂଲ୍ୟ—ଦୁଇଟଙ୍କା ପଚିଶ ପଇସା ମାତ୍ର

ଚାଉଳଭଜା ଓଷା କଥା

—o—

ଶ୍ରୀ ଗଣେଶାୟ ନମଃ ।

ବନ୍ଦଇ ପ୍ରଭୁ ପୀତବାସ । ପଦ୍ମଚରଣେ କରି ଆଶ ॥
ତୁମ୍ଭର ପଦ୍ମପାଦ ଧ୍ୟାୟି । ଚାଉଳଭଜା କଥା କହି ॥
ତୁମ୍ଭ ପାଦେ ଶରଣ ପଶି । ନମଇଁ ନୀଳଗିରି ବାସୀ ॥
ହେ ପ୍ରଭୁ ଆରତ ଭଞ୍ଜନ । ଦିଅ ଅନ୍ଧକୁ ଚକ୍ଷୁଦାନ ॥
କଣ୍ଠରେ ସୁଦୟା କରିବ । ମୋ କଣ୍ଠେ ବସି କହିଦେବ ॥
କହିବାକୁ ନୁହେଁ ସୁଜନ । ମୁହିଁ ମୂରୁଖ ପାପୀଜନ ॥
ତେଣୁ ଆଶ୍ରିତ ଭବଗ୍ରାହୀ । ଭବ ମୁଁ କଣ୍ଠେ ପୃଚ୍ଛଇ ॥
ସୁଜନେ ଦୋଷ କ୍ଷମାକର । ତୁମ୍ଭ ପାଦେ ଶରଣ ମୋର ॥
ଏଥୁ ଅନ୍ତରେ ଜନେ ଶୁଣ । ଉତ୍କଳ ଦେଶରେଟି ପୁଣ ॥
ଏକ ସାଧବ ଧନେଶ୍ୱର । ସୁବୁଦ୍ଧି ସାହୁ ନାମ ତାର ॥
ଭାରିଯା ନାମ ପୁଣବତୀ । ରୂପକୁ ଶୋଭା ଚନ୍ଦ୍ରକାନ୍ତି ॥
ସାଧବ ବଡ଼ ଧନେଶ୍ୱର । ଯେସନେ କୁବେର ଭଣ୍ଡାର ॥
ତାହାର ଧନ କେବା କହୁ । ଦୟା ଧର୍ମରେ ମାତି ସେହୁ ॥
ତାହାର ସପତ କୁମର । ଏକ ଆରେକ ବଳୀୟାର ॥
ସାଧବ ସପ୍ତ ପୁତ୍ର ଜାଣ । କେ ମୁଖେ କହୁ ତାଙ୍କ ଗୁଣ ॥
ସାତ ପୁଅରେ ସାତ ବୋହୂ । ସମସ୍ତେ ଦୁଲଣା ସବୁହୁଁ ॥
ଷଢ଼ ବୋହୂକୁ କେହି ପୁଣ । ଦେଖି ନ ପାରନ୍ତି ଜାଣ ॥
ସମସ୍ତେ ଏକମନ ହୋଇ । ଗୃହରେ ଚଳୁଥାନ୍ତି ରହି ॥

ସାନକୁ ଦେଖି ନ ପାରନ୍ତି । ବଡ଼ ଅପମାନ କରନ୍ତି ॥
ଅପୁତ୍ରୀ ପୁଣ ସାନ ବୋହୂ । ପୁତ୍ର ପାଇବ ଅବା କାହୁଁ ।୧୦ ॥
ତେଣୁ ବିରସ ତାର ମନ । ଜଣାଣ କରଇ ହେ ଧର୍ମ ॥
କେବଳ ଗୁରସ୍ତ ତାହାର । ଦେଖି ପାରଇ ନଇନର ॥
ଏମନ୍ତେ ବଡ଼ ଦୁଃଖ ସହି । ସେ ସାନ ବୋହୂ ଘରେଥାଇ ॥
ଏଥୁଅନ୍ତରେ ଜନେ ଶୁଣ । ସାନବୋହୂର କଷ୍ଟମାନ ॥
ଏକଇ ପୁସ୍ତବର୍ଣ୍ଣ ଜାଣ । କର୍କି ଗାଡ଼ୁଆ ତାର ନାମ ॥
ଚର୍ଣ୍ଣିକ ସ୍ନାନ କରି ଯାଇ । ସୂର୍ଯ୍ୟଙ୍କୁ ଜଳ ସେ ଦଅଇ ॥
ହେଧର୍ମ ମୋର ଦୁଃଖ ଘେନ । ଶ୍ୱଶୁର ହୁଅନ୍ତୁ ପଧାନ ॥
ଶାଶୁ ମୋ ପଧାଉଣି ହେଉ । ଏ ଆଜ୍ଞା ହେଉ ମହାବାହୁ ॥
ଷଡ଼ ଯେ ଦେଢ଼ଶ୍ୱର ପୁଣ । ଏମାନେ ହୁଅନ୍ତୁ ପଧାନ ॥
ମୋ ଷଡ଼ ଜାଆ ପଧାଉଣୀ । ହୁଅନ୍ତୁ ଫୁରୁଛୁ ଦଇବ ॥
କନକ ଦେଶର ରାଜନ । ଗୁରସ୍ତ ହୁଅନ୍ତୁ ମୋ ପୁଣ ॥
ପୁତ୍ର ଗୋବିନ୍ଦଚନ୍ଦ୍ର ହେଉ । ପୁସ୍ତକ ଧରି ଗୀତ ଗାଉ ॥
ଏ ବାଞ୍ଛା ମନରେ ବିଚାରି । ଧର୍ମକୁ କରଇ ଗୁହାରି ॥
ଏମନ୍ତେ ପ୍ରାର୍ଥନା କରେ । ଦୁଃଖିତ ହୋଇଣ ମନରେ ॥
ଏ ବାଣୀ ଷଡ଼ଯାଆ ଶୁଣି । ଶାଶୁ ଆଗେ କହନ୍ତି ବାଣୀ ॥
ସ୍ନାନକୁ ସାନ ବୋହୂ ଗଲା । ଧର୍ମକୁ ପାଣି ସେ ଟେକିଲା ॥
କହଇ ଧର୍ମ ନିରଞ୍ଜନ । ଶଶୁର ହୁଅନ୍ତୁଟି ପାଣ ॥
ଶାଶୁ ମୋ ପାଲୁଣୀ ହୋଇବେ । ଦେଢ଼ଶୁର ଚଉକ ଦେବେ ॥
ଗୁରସ୍ତ କନକ ରାଜନ । ପୁତ୍ର ଗୋବିନ୍ଦଚନ୍ଦ୍ର ନାମ ॥
ପାଟବଣୀ ହୋଇବ ମୂର୍ତ୍ତି । ଧର୍ମକୁ ଡାକେ ଏହା କହି ॥
ଆମ୍ଭର ମନ ସେ ପାଞ୍ଚୁଛି । ବୁଝିଣ ଦଣ୍ଡ ଦଅ ବାଛି ॥
ଏମନ୍ତେ ଷଡ଼ ବୋହୂ ପୁଣି । ଶାଶୁକୁ ବୋଲୁଛନ୍ତି ବାଣୀ ॥
ତା ଶୁଣି ଶାଶୁ କୋପଭରେ । ସାନ ବୋହୂକୁ ଗଞ୍ଜନରେ ॥

ଡାକଣ ବଚନ କହଇ । ମୋ ଘରୁ ଯାଅ ବେଗ ହୋଇ ॥
ଡାଆଣୀ ଡାକୁଣୀ ବୋଲଇ । ଭର୍ତ୍ସନା କରି ଗାଳି ଦେଇ ॥
ତା ଶୁଣି ସାନବୋହୂ କହି । କହୁଛି ମୋର ଦୋଷ ନାହିଁ ॥
ଭଲ ମୁଁ କହୁଅଛୁ ପୁଣ । ସତ୍ୟ କହୁଛୁ ଏବେ ଶୁଣ ॥
ଯାହା ସେ ଆଦ୍ୟରେ କହୁଛୁ । ସତ୍ୟରେ କହେ ତାହା ବାଛୁ ॥
ତା ଶୁଣି ଶାଶୁ ନ ମାନଇ । ଅନେକ ଗାଳି ସେ ଦିଅଇ ॥
ବହୁତ କନ୍ଦଳ ହୋଇଲା । ସେଦିନ ଏହିରୂପେ ଗଲା ॥
ତା ଶୁଣି ତାହାର ଗୃହସ୍ଥ । ମନରେ ବଢ଼ିବାକୁ ସତ ॥
ଆରଦିନ ସକାଳୁ ଯାଇ । ପୋଖରୀ କୂଳେ ବସିଥାଇ ॥
ଏକ ପାଟଳ ବୃକ୍ଷ ଥିଲା । ତହିଁ ଉପରେ ସେ ବସିଲା ॥
ସପତ ବୋହୂମାନେ ଗଲେ । ପୋଖରୀ ଭିତରେ ପଶିଲେ ॥
ସ୍ନାହାନ ସାରି ଯେ ଯାହାର । ତର୍ପଣ ହୋଇଲେ ବାହାର ॥
ଏମନ୍ତ ସମୟରେ ତହିଁ । ସାନବୋହୂ ଅର୍ଘ୍ୟ ଦିଅଇ ॥
କାର୍ତ୍ତିକ ଗାଡ଼ୁଆ ଜଳ ଘେନ । ଧର୍ମକୁ ଡାକ କହେ ପୁଣି ॥
ମୋହର ନିବେଦନ ଘେନ । ଶ୍ୱଶୁର ହୋଇବେ ପ୍ରଧାନ ॥
ଶାଶୁ ମୋ ପ୍ରଧାନୀ ହେଉ । ଏ ବାଞ୍ଛା ମୋର ପୂର୍ଣ୍ଣ ହେଉ ॥
ଷଡ଼ ଦେଢ଼ଶୁର ପ୍ରଧାନ । ଏକଥା ହେଉ ବିଦ୍ୟମାନ ॥
ଜାଆ ମୋ ସାଧବାଣୀ ହେବେ । ଏ କଥା ଘେନ ମୋର ଭାବେ ॥
ଜନକ ହେଉ ରାଜନ । ଗୃହସ୍ଥ ହେଉ ମୋର ପୁଣ ॥
ପୁଅ ଗୋବିନ୍ଦଚନ୍ଦ୍ର ହେଉ । ପୁସ୍ତକ ଧରି ଗୀତ ଗାଉ ॥
ମୁହିଁ ହୋଇବି ପାଟରାଣୀ । ଝିଅ ଘେନ ରାଜମଣି ॥
ଏମନ୍ତ ବଚନ କହିଲା । ସପ୍ତ ଅଞ୍ଜୋଳି ଜଳ ଦେଲା ॥
ଏମନ୍ତେ ହୋଇଲା ବାହାର । ପ୍ରବେଶ ହୋଇଲା ଘରର ॥
ତା ପଛେ ଗୃହସ୍ଥ ଆଇଲା । ମନ୍ଦିରେ ପ୍ରବେଶ ହୋଇଲା ॥
ଏମନ୍ତେ ଷଡ଼ବୋହୂ ପୁଣି । ଶାଶୁକୁ ବୋଲୁଛନ୍ତି ବାଣୀ ॥

କାଲି କଥାକୁ ମିଛ କଲ । ଆଜ ସେପରି ଜଳ ଦେଲ ॥
ତା ଶୁଣି ସାନପୁଅ କହି । ସବୁ ଦେଖିଛୁ ଆଜ ମୁହିଁ ॥
ତା ମୁଖେ କହୁଅଛୁ ଯାହା । ସବୁ ଯେ ସତ୍ୟ ଅଟେ ତାହା ॥
ତୁମ୍ଭେ ଲେ କହୁଅଛ ମିଛ । ଏ କଥା ଅଟଇ ପ୍ରତ୍ୟକ୍ଷ ॥
ସତ୍ୟକୁ ମିଥ୍ୟାପରି ମଣ । ଦଣ୍ଡ ଦେଉଛ ଅକାରଣ ॥
ପାଟଳି ବୃକ୍ଷପରେ ଥାଇ । ସବୁ ଦେଖିଛୁ ଆଜ ମୁହିଁ ॥
ପୁଅ ମୁଖରୁ ଏହା ଶୁଣି । ସାଧବ କହୁଅଛୁ ବାଣୀ ॥
ସତ ମିଛକୁ ବୁଝି ମନେ । ସନ୍ତୋଷ କରେ ଜଣେ ଜଣେ ॥
କହିଲ ସବୁ ଚଳି ନାଣ । ସାନ ବୋହୂ ମନେ ହରଷ ॥
ଏମନ୍ତେ ରବି ଅସ୍ତ ହେଲ । ଅନ୍ଧାର ତମିର ଘୋଟିଲ ॥
ଏଥୁ ଅନ୍ତରେ ଜନେ ଶୁଣ । ସାନବୋହୂର କଷ୍ଟମାନ ॥
ହାଣ୍ଡି ଧୂଆ ବଧି ସାରିଲା । ପାଣି ଆଣିବ ବୋଲି ଗଲା ॥
ନେତାଇ ଧୋବଣୀକ ସେହୁ । କାଟେ ଦେଖିଲା ଯାଉଁ ଯାଉଁ ॥
ଧୋବଣୀ ଦେଖି ପଚ୍ଚରଇ । ସାଧବ ବୋହୂ ଅଟୁ ତୁହି ॥
ମୁଖ ତୋ ହୋଇଛୁ ମଳିନ । ହୋଇଛୁ ବଡ଼ାଇ ମଳିନ ॥
ତା ଶୁଣି ବୋଲଇ ବଚନ । ମୋ କର୍ମ ବଡ଼ ହୀନମାନ ॥
ଅଜା ମଉଳା ଆଦିକରି । ମତେ କେହି ଦେଖି ନ ପାରି ॥
ଅତି ଦୁଃଖରେ ଦୁଃଖୀ ହୋଇ । ସେ ଘରେ ଚଳୁଅଛୁ ମୁହିଁ ॥
ପୁଅ ଦୁହିତା କିଛି ନାହିଁ । ତାହା ପାଇବ ମୁହିଁ କାହିଁ ॥
ଏମନ୍ତେ ବହୁତ କହିଲା । ସମସ୍ତ ନେତାଇ ଶୁଣିଲା ॥
ତା ଦେଖି ନେତାଇ ଧୋବଣୀ । ତାହାକୁ କହୁଅଛୁ ବାଣୀ ॥
ମୋର ବଚନ କାରେ ଘେନ । ଯେମନ୍ତେ ପାଇବୁ ନନ୍ଦନ ॥
କହି ତୁ ବଧି କଥାମାନ । ପୁତ୍ର ହିଁ ଧନ ନାହିଁ ପୁଣ ॥
ଷଷ୍ଠୀ ଦେବୀଙ୍କ ଓଷା କରି । ଖ୍ୟାତ ହୋଇଛୁ ଏ ସଂସାର ॥
ସାଧବ ବୋହୂ ପଚ୍ଚରଇ । ପୂର୍ବେ ଏ ଓଷା କେ କରଇ ॥

କାହୁଁ ଏ ହୋଇଛୁ ବିଖ୍ୟାତ । ମାଗୋ ନେତାଇ କହ ସତ ॥
ନେତାଇ ଧୋବଣୀ କହଇ । ଶୁଣ ତୁ ସ୍ଥିରମନ ହୋଇ ॥
ଖାର ନମନ୍ତେ ଏକଦିନେ । ଗଲି ମୁଁ ଗହନ କାନନେ ॥
ବନସ୍ତ ମଧ୍ୟରେଟି ପୁଣି । ଅଛଇ ଏକ ପୁଷ୍କରିଣୀ ॥
ତହିଁରେ ଦେବକନ୍ୟା ଆସି । ସ୍ନାନ କରନ୍ତି ଜଳେ ପଶି ॥
ଆନନ୍ଦେ ହୁଳହୁଳି ଦେଇ । ପ୍ରେମ ଖେଳରେ ମତ୍ତ ହୋଇ ॥
ତା ଶୁଣି ଖେଳ ହୋଇଗଲି । ତାଙ୍କ ପାଖରେ ଯାଇ ମିଳି ॥
ଦେଖିଣ କଲି ନମସ୍କାର । ମସ୍ତକେ ଯୋଡ଼ି ବେନିକର ॥
ମୋତେ ଦେଖିଣ ସେ ପଚାରି । କାହୁଁ ଅଇଲୁ କୁହ ନାରୀ ॥
ମୁଁ ତାଙ୍କୁ କହଇ ବଚନ । ଶୁଣ ହେ ଦେବକନ୍ୟା ମାନ ॥
ମୋ ନାମ ନେତାଇ ଧୋବଣୀ । ଅଇଲି ତୁମ୍ଭ ନାମ ଶୁଣି ॥
ତୁମ୍ଭଙ୍କୁ ଆଜ ମୁଁ ଦେଖିଲି । ସକଳ ପାତକ ନାଶିଲି ॥
କଥାଏ ପଚାରୁଛି ମୁହିଁ । ଏଠାରେ ସ୍ନାହ ନ କମ ଇଁ ॥
ଆନନ୍ଦେ ହୁଳହୁଳି ଦିଅ । ମାଯ୍ୟା ନ କରି ସତ କହ ॥
ତା ଶୁଣି ଦେବକନ୍ୟା ଗଣ । ଶ୍ରଦ୍ଧାରେ କହନ୍ତି ବଚନ ॥
ଷଠୀ ଦେବୀଙ୍କ ଓଷା ଜାଣ । ଖୁଦ୍ଦଳଭଜା ନାମ ପୁଣ ॥
ଶୁଣ ଏ ଓଷା ବିଧି କଥା । ପୂର୍ବରୁ ଯେମନ୍ତ ବ୍ୟବସ୍ଥା ॥
ଆଶ୍ୱିନ କୃଷ୍ଣପକ୍ଷ ମାନ । ଆଦ୍ୟ ବୁଧବାରଟି ପୁଣ ॥
ସେହିଦିନ ଏ ଓଷା କରିବ । ତହିଁରେ ଯେତେ ବିଧି ଶୁବ ॥
ଅଟିକା ଗୋଟିକରେ ନେଇ । ଖୁଦ୍ଦଳ ଭାଜିବଟି ତହିଁ ॥
ସବ ଅର୍ଦ୍ଧେ ନଶି ଘରରେ । ପୂଜିବ ଆପଣା ଗୃହରେ ॥
ହୁଙ୍କାମାଟି ଖଣ୍ଡେ ସ୍ଥାପିବ । ଅପୂଜା ଡାକ ନିର୍ମାଇବ ॥
ଗୋଟିଏ ଶିଳପୁଆ ନେଇ । ସିନ୍ଦୂର କଜ୍ଜ୍ୱଳଟି ଦେଇ ॥
ନାନାବିଧ ଫଳ ପୁଷ୍ପ ଆଣି । ମଣ୍ଡନ କରିବଟି ପୁଣି ॥
କଜଳପାଣ୍ଡିଟିଏ ନେଇ । ସ୍ଥାପନ କରିବ ସେଠାଇଁ ॥

ଏ ଆଦ୍ଧ ସମସ୍ତ ସ୍ଥାପିବ । ଷଠୀ ଦେବୀଙ୍କି କରି ଭାବ ॥
ପାଞ୍ଚଖିଅ ସୂତା କରିବ । ପାଞ୍ଚଟି ଗଣ୍ଠି ପକାଇବ ॥
ଷଠୀ ଦେବୀଙ୍କୁ ମନେ ଭାବ । ହୁଳହୁଳି ମୁଖରେ ରବ ॥
କହୁଥିବା ଶୁଣ ତାର ଭାବ । ମାଣ କ ଗଉଣୀ ବା ହେବ ॥
ଧୋଇଣ ତାହା ଶୁଖାଇବ । ମନ ସନ୍ତୋଷରେ କରିବ ॥
ତଣ୍ଡିରେ ଗୁଡ଼ଜଳ ପୂରାଇ । ଦୁଧ ମହୁ ଘିଅ ଗୋଳାଇ ॥
ଷଠୀ ଦେବୀଙ୍କ ନାମ ଧରି । ତାହାଙ୍କୁ ନଇବେଦ୍ୟ କରି ॥
ଅନେକ ଦଣ୍ଡବତ ହେବ । ହସ୍ତରେ ସୂତାକୁ ବାନ୍ଧିବ ॥
ଏମନ୍ତେ ଏ ଓଷା କରିବ । ନିର୍ମଳ ଚିତ୍ତେ କରି ଭାବ ॥
ପାଞ୍ଚ ଥାଳରେ ପୂର୍ଣ୍ଣ ହୋଇ । ତାର ବିଧାନ ଶୁଣ ଭାଇ ॥
ପାଞ୍ଚଟି ମଣ୍ଡା ନିର୍ମାଣିବ । ନାନାଦ୍ଧ ଧୂପ ପୁରାଇବ ॥
ଯାହାକ ମିଳିବ ଯେମନ୍ତେ । କରିବ ଯେଉଁ ବିଧିମତେ ॥
ପୂର୍ବରୁ କହିଅଛୁ ଏହା । କରିବ ବିଧିମତେ ତାହା ॥
ଏମନ୍ତେ ପୂଜା ବିଧି ସାରି । ମନ ସନ୍ତୋଷରେ ଯେ କରି ॥
ଷଠୀ ଦେବୀ ବୋଲି ପୂଜିବ । ନିର୍ମଳ ଚିତ୍ତେ କରି ଭାବ ॥
ଆଡଙ୍କେ ହୁଳହୁଳି ଦେଇ । ସୁଖରେ ରଜନୀ ପୁହାଇ ॥
ପ୍ରଭାତୁ ଉଠି କେତେ ଯିବ । ପୁଷ୍ପକୁ ଜଳରେ ମେଲିବ ॥
ସୂତାକୁ ଜଳରେ ଉଛୁଳି । ଦିବାର ଦଣ୍ଡବତ ହୋଇ ॥
ଷଠୀ ଦେବୀଙ୍କୁ ନମସ୍କାର । କରିବ ଆପଣା ହୃଦର ॥
ଷଠୀ ଦେବୀଙ୍କ ପ୍ରସାଦରୁ । ଲକ୍ଷ୍ମୀ ଯେ ନ ଛାଡ଼ଇ ଘରୁ ॥
ଅପୁତ୍ରୀ ପୁତ୍ରଦାନ ପାଇ । ବିପତ୍ତି ତାକୁ ନ ପଡ଼ଇ ॥
ପୁତ୍ର କାମନା ଓଷା ଏହୁ । ନିର୍ମଳ ଚିତ୍ତ କଲେ ପାଇ ॥
ଓଷାର ବିଧି ଶେଷ ପୁଣି । ଶୁଣ ଗୋ ନେତାଇ ଧୋବଣୀ ॥
ଶୁଣି ମୁଁ ସାନନ୍ଦ ହୋଇଲି । ତାହାଙ୍କ ଚରଣେ ପଡ଼ିଲି ॥
ସେ ମତେ ଏମନ୍ତ କହିଲେ । ତକ୍ଷଣେ ସ୍ୱର୍ଗ ପୁର ଗଲେ ॥

ତହୁଁ ବାହୁଡ଼ି ମୁଁ ଆଇଲି । ଆପଣା ଗୃହରେ ମିଳିଲି ॥
ପୂର୍ବେ ମୁଁ ଏହା ଥିଲି ଶୁଣି । କହିଲି ଠିକେ ଠିକେ ପୁଣି ॥
ତୁ ଏବେ ଏହି ଓଷା କର । ନିଶ୍ଚୟେ ପାଇବୁ କୁମର ॥
ସାନ ବୋହୂ ଯେ ଏହା ଶୁଣି । ତାର ମନରେ ହୋଏ ଗୁଣି ॥
ଶୁଣ ଗୋ ନେତାଇ ଧୋବଣୀ । କଲ୍ୟାଣ କର ମୋତେ ପୁଣି ॥
ଏ ଓଷା ନିଶ୍ଚୟ କରିବି । ତୁମ୍ଭ ବଚନ ମୁଁ ପାଳିବି ॥
ଜୀବନ ଥିବାଯାଏ ମୋର । କରିବି ସତ୍ୟ ତିନିବାର ॥
ଏମନ୍ତେ କୁହାକୁହି ହୋଇ । ଯେ ଯାହା ମଠରକୁ ଯାଇ ॥
ସାଧବ ବୋହୂ ଚଳିଗଲା । ଆପଣା ମଠରେ ମିଳିଲା ॥
ଯୋଗେ ସେଦିନ ବୁଧବାର । ଆଶ୍ୱିନ ମାସ ଯେ ମୂଳର ॥
କରିବ ଏହି ଓଷା ପୁଣି । କହିଛି ନେତାଇ ଧୋବଣୀ ॥
ଯେରୂପେ କହିଥିଲା ସେହି । ସମସ୍ତ ବିଧି ସେ କରଇ ॥
ଏମନ୍ତେ ଘଷ ଅର୍ଦ୍ଧ ହେଲା । ଗୁରସ୍ତ ଆଗରେ କହିଲା ॥
ଶୁଣି ସେ ସନ୍ତୋଷ ହୋଇଲା । ଏ ଓଷା କର ତୁ ବୋଇଲା ॥
ଷଠୀ ଦେବୀଙ୍କୁ ସୁମରିଣ । ତହୁଁ ସେ ଓଷା କରି ପୁଣ ॥
ଉଦରେ ଡର ଡର ହୋଇ । ଏ ଓଷା ଲୁଚାଇ କରଇ ॥
ଏମନ୍ତ ଦିନ ଚାଲି ଗଲା । ସ୍ୱର ପାଳି ଆସି ପଡ଼ିଲା ॥
ସେ ଦିନ ଏହି ବିଧିମତେ । ପୂଜୁଛି ରଷ ଅର୍ଦ୍ଧ ଗତେ ॥
ତାହାର ଷଡ଼ ଯାଆ ଆସି । ଦେଖିଲେ ପୂଜୁଅଛି ବସି ॥
ଶାଶୁ ଆଗରେ ସେ କହିଲେ । ଆସ ଗୋ ଦେଖିବ ବୋଇଲେ ॥
ଗମ୍ଭୀର ଘରେ ଦେଲ ଝୁଙ୍କି । ଅତି ହରଷେ ଶାଶୁ ଯାଇ ॥
ବୋଇଲା ବଣ୍ଡିଝିଅ ଶୁଣ । ଉପାୟ କରୁଅଛୁ ପୁଣ ॥
ନାନା ଉପାୟ ମାନ କରୁ । ଆମ୍ଭର ନାଶ କୁ ବିଚାରୁ ॥
ରଷ ପାଇଲେ ଚଣ୍ଡାଳୁଣି । ଯାହା କରିବ ରହ ଶୁଣି ॥
ଏମନ୍ତ ବାଣୀ ସେ ଶୁଣିଲା । କାନ୍ଦରେ ବଚନ ବୋଇଲା ॥

ଜଗତାର କରୁଣାର୍ଣ୍ଣ ମୂର୍ତ୍ତି । ଓଷା ପୂଜନ୍ତି ଘରେ ରହି ॥
କହିଲେ ନେତାଇ ଧୋବଣୀ । ଏ ଓଷାକୁ କର ତୁହି ପୁଣି ॥
ଶୁଦ୍ଧ ହୋଇବ ନଷ୍ଟ ତୋର । ଏହି ଓଷା କୁ ବେଗେ କର ॥
ତାଠାରୁ ଏମନ୍ତ ଶୁଣିଲି । ଘରୁ ପାଳ ଏ ଓଷା କଲି ॥
ତା ଶୁଣି ଶାଶୁ ଯେ କହଇ । ଏ ଓଷା ବିଧି କହ ଫେଇ ॥
ସମସ୍ତ ବୁଝାଇ କହିଲି । ଶାଶୁ ତା ଶୁଣି ତୋଷ ହେଲା ॥
ଯେବେ ତୁ ଏହି ଓଷା କଲୁ । କେଳକୁ କିମ୍ପା ନ କହିଲୁ ॥
ଏବେ ତୁ ଶୁଣ ମୋ ବଚନ । ପୂରନ୍ତା ପାଳ ଓଷାଦିନ ॥
ସମସ୍ତେ ଏ ଓଷା କରିବ । ବିଧି ମତରେ ନିର୍ମାଣିବ ॥
ଏମନ୍ତେ ସାତଦିନ ଗଲା । ପୂରନ୍ତାପାଳ ଓଷା ହେଲା ॥
ବଡ଼ ବୋହୂଙ୍କୁ ଶାଶୁ ଘେନି । କଲା ସେ ଓଷାବିଧି ପୁଣି ॥
ସାନ ବୋହୂକୁ ନ ମିଶାଇ । ଓଷାକୁ ଆରମ୍ଭିଲେ ଯାଇ ॥
ନଡ଼ିଆ କାନ୍ଥ ଗହଣେ । କଦଳୀ ଆଣିଲେ ବହନେ ॥
ଛେନା କର୍ପୂର ଗୁଡ଼ ଘିଅ । ଧୂପ ଦୀପ ଆଦି ବିଷୟ ॥
ସରୁ ଖୁଦରୁ କଲେ ଅଟା । ଅନେକ କଲେ କୁଟା ବଟା ॥
ସମସ୍ତେ ଏହିରୂପେ କଲେ । ଆନନ୍ଦେ ଓଷା ଆରମ୍ଭିଲେ ॥
ସାନ ବୋହୂକୁ ହିଂସା କରି । ସଙ୍ଗତେ ତାକୁ ନ ମିଶାଇ ॥
ସେ ବୋହୂ ମନେ ବିଚାରିଲା । ଦଇବ ମୋତେ ଏହା କଲା ॥
ନଡ଼ିଆ ଖୋଳପା ଆଣିଲା । କଦଳୀ ଚୋପା ଗୋଟାଇଲା ॥
ଚୂନାକୁଟାର କଣିକୁଣ୍ଡା । ତାହାକୁ ଆଣି କଲା ମଣ୍ଡା ॥
ଷଠୀ ଦେବୀଙ୍କୁ ମନେ ଧ୍ୟାୟି । ତନ୍ତ୍ର ମନରେ କଲା ସେହି ॥
ଯେଣୁ ସେ ଷଠୀଙ୍କି ଭାବିଲା । ଅମୃତ ପାକମଣ୍ଡା ହେଲା ॥
ଏମନ୍ତେ ଓଷାବିଧି ସାରି । ଭକ୍ତ ଅର୍ଦ୍ଧରେ ପୂଜା ସାରି ॥
ସମସ୍ତେ ଓଷାବିଧି କଲେ । ଶୀତଳ ମଣୋହି ସାରିଲେ ॥
ଓଷା ପ୍ରସାଦ ଘେନ ଆସି । କୁଟୁମ୍ବଯାକ ଘେରି ବସି ॥

ଭୋଜନ କରଣ ବସିଲେ । ଯେ ସବୁଯାକ ପରଷିଲେ ॥
ଭୁଞ୍ଜିଲେ ଜଣ ଜଣ କରି । ସ୍ୱାଦ ବୁଝିଲେ ଷୁଣ୍ଣ ବାରି ॥
ସ୍ୱାଦ ତହିଁରେ ନାହିଁ କଟୁ । ସମସ୍ତେ ଖାଇ କଲେ ଚୁ ଚୁ ॥
ଧାର୍ମିକମାନେ କଲେ ଯହୁଁ । ସ୍ୱାଦ ସେ ଲାଗିବଟି କାହୁଁ ॥
ସାନବୋହୂ ପ୍ରସାଦ ନେଲା । ସମସ୍ତଙ୍କୁ ସେ ପରଷିଲା ॥
ସମସ୍ତେ ଭୁଞ୍ଜିଲେ ପ୍ରସାଦ । ମନରେ ହୋଇଲେ ଆନନ୍ଦ ॥
ଛେନା କର୍ପୂର ଆଦି ଯେତେ । ନଡ଼ିଆ କଦଳୀ ସବୁତେ ॥
ମଣ୍ଡା ଭିତରୁ ଏତେ ପୁରି । ଖଙ୍ଗିଣ କଲେ ତା ବାହାରି ॥
ସନ୍ତୋଷେ ଭୋଜନ ସାରିଲେ । ବହୁତ ପ୍ରଶଂସାହିଁ କଲେ ॥
ଭୋଜନ ଆଚମନ ସାରି । ସମସ୍ତେ ଧନ୍ୟ ଧନ୍ୟ କରି ॥
ଷଠିଙ୍କି କରିବାରୁ ଭକ୍ତି । ତା ଦ୍ରବ୍ୟ ହୋଇଲା ଅମୃତ ॥
ନଷ୍ଟ ବସ୍ତୁ ଯେ ଅଟଇ । ନଷ୍ଟରେ ସକଳ ମିଳଇ ॥
ଏଥୁ ଅନ୍ତରେ କହୁ ଶୁଣ । ସାଧବ ବୋହୂ କଷ୍ଟମାନ ॥
ଷଡ଼ ବୋହୂଙ୍କୁ ଶାଶୂ ଡାକି । ବଚନ କହଇ ଆଶ୍ୱାସି ॥
ସାନବୋହୂର ଗୁଣମାନ । କହିଲେ ନ ସରେ ଗୋ ପୁଣ ॥
*ଆମ୍ଭଙ୍କୁ ଉପାୟ ସେ କରି । ମୋ ଦ୍ରବ୍ୟ କଲା ଏତେସରି ॥
ତାର ଅମୃତ ପାକ ହେଲା । ଆମ୍ଭର ଦ୍ରବ୍ୟ ନାଶ କଲା ॥
ଏମନ୍ତେ ବଗୁର ହୋଇଲା । ତାକୁ ଅନେକ ଗାଳି ଦେଲା ॥
ବୋଇଲା ସଣ୍ଡ ଝିଅ ଭୁଷି । ଉପାୟ କରୁଅଛୁ ରଷି ॥
ନାନା ଔଷଧ ଭୁଷି ଜାଣି । ନାଶ କରୁଛୁ ଲୋ ଡାଆଣୀ ॥
ଔଷଧ କରିବାରୁ ଭୁଷି । ତୋ ପାକ ଏମନ୍ତ ହୁଅଇ ॥
ସାନବୋହୂ ଏ ବାଣୀ ଶୁଣି । କାତରେ କହୁଅଛି ବାଣୀ ॥
ମୁହିଁ କରିନାହିଁ ଉପାୟ । ଷଠୀଦେବୀ ମୋହର ସାୟ ॥
ତାଙ୍କ ଦୟାରୁ ସବୁ ହୁଏ । ନ ବୁଝି ଦଣ୍ଡ ଦିଅ ମାଏ ॥
ଅନେକ କହିଲା ବୁଝାଇ । ଡରେ ପାଦତଳେ ପଡ଼ଇ ॥

ଷଠୀଦେବୀଙ୍କୁ କଲା ଧ୍ୟାନ । ହୃଦରେ କଲା ନିବେଦନ ॥
ମୋ କର୍ମେ ଲେଖାଥିଲା ଯହିଁ । ଆନ କରିବ କେହୁ ତହିଁ ॥
ତୋ ବିନୁ କିଛି ନ ଜାଣଇ । ଗୁହାରି ଶୁଣ ମୋର ତୁହି ॥
ଷଠୀଦେବୀଙ୍କୁ ସ୍ତୁତି କଲା । ଅନେକ ବିନୟ ହୋଇଲା ॥
ଏଥୁଅନ୍ତରେ ଶାଶୁ ତୋର । ଷଣ୍ଢବୋହୂ ଘେନ ସଙ୍ଗର ॥
ନାନା ଭର୍ତ୍ସନେ ଦେଲା ଗାଳି । ଅନେକ ଲଗାଇଲା କଳି ॥
ବାଞ୍ଛା କର୍କଶୀ ବୋଲି କହି । ଆଣ କୁଣ୍ଡ ବନ୍ଧ୍ୟା ନେଲା ତୁହି ॥
ଅନେକ ଯନ୍ତ୍ରଣା ଦେଲେ ଗାଳି । ବୁଡ଼ା ସାଧବ ଆସି ମିଳି ॥
ସମସ୍ତ ବୃଦ୍ଧମଣା କଲା । ଜଣଜଣକେ ବୋଧ ଦେଲା ॥
ସମସ୍ତେ ସେହି କଥା ମାନି । ଯେ ଯାହାର ହୋଇଲେ ଭିନ ॥
ସାନବୋହୂ ଯେ ଗଲା ଚଳି । ଆପଣା ନିଜଗୃହେ ମିଳି ॥
ଅତି ଦୁଃଖେ ନିଦ୍ରା ଯାଇଛି । ସ୍ୱପ୍ନରେ ଷଠୀ କହୁଛନ୍ତି ॥
କିଛି ନ ଭାଳ ତୋର ମନେ । ତୋ କଷ୍ଟପିବି ଅଳ୍ପଦିନେ ॥
ଏମନ୍ତ କହିଗଲେ ଦେବୀ । ସାଧବ ବୋହୂ ମନେ ଭାବି ॥
ମନରେ ଆନନ୍ଦ ହୋଇଲା । କାହାରି ଆଗେ ନ କହିଲା ॥
ଏମନ୍ତେ ପାହିଲା ରଜନୀ । ଯେ ଯାହା କ୍ରିୟା କଲେ ପୁଣି ॥
ଷଠୀ ଦେବୀଙ୍କ ପାଦ ଧ୍ୟାୟି । ମନୁ ଖଣ୍ଡୀ ରଚନ କହି ॥
ଗୁରୁ ଦୟାରୁ ନେଖିଲଇଁ । ମୋହର କିଛି ବୋଧ ନାହିଁ ॥
ସାଦରେ କ୍ଷମାକର ଦୋଷ । ସୁଜନ ପାଦେ ମୋର ଆଶ ॥

—*—

ଭାରତ ବୋଲିରେ ଗାଇବ

ଏଥୁ ଅନନ୍ତରେ କହୁଛି ଶୁଣ । ସାଧବ ସାନବୋହୂ କଷ୍ଟମାନ ॥
ଅତି ଦୁଃଖ ସହି କଷ୍ଟରେ ଥାଇ । ଦିନେ ତା ଗୁରସ୍ତ ବସି କହଇ ॥
ଅତି କଷ୍ଟ ପାଇ ଗୃହରେ ଥିବା । ଏଥୁଯାଇ ଅନ୍ୟସ୍ଥାନେ ମରିବା ॥

ଆମ୍ଭଙ୍କୁ ଦେଖି ନ ପାରନ୍ତି କେହି । ଆମ୍ଭ ଜୀବନ ରଖି ନଯୋଗାଇ ॥
ଏତେକହି ମନେକ୍ରୋଧ ହୋଇଲ । ଧର୍ମ ସୁମରି ବାହାର ହୋଇଲ ॥
ନିଜ ପତ୍ନୀକି ଘେନ ସଙ୍ଗତରେ । ଆପଣା ଗୃହରୁ ହେଲା ବାହାର ॥
ମାତାପିତାଙ୍କୁ ନମସ୍କାର କଲେ । ବୋହୂମାନଙ୍କୁ ଅନେକ କହିଲେ ।
ଭାଇମାନଙ୍କୁ ଦଣ୍ଡବତ ମୋର । ବୋଇଲେ ଯାଉଅଛୁ ଦେଶାନ୍ତର ॥
ଭାଉଯାକୁ ସଙ୍ଗେ ନଜିବ ମୁହିଁ । କପାଳେ ଲେଖିତା ଅଛୁଟି ଭାଇ ॥
ଭୁଞ୍ଜିବୁ ଆମ୍ଭର କପାଳ କଥା । ଏତେକହିଣ ନୁଆଇଁଲେ ମଥା ॥
ଏଥୁ ଅନେକ ଦଣ୍ଡବତ କଲେ । ଧର୍ମଙ୍କୁ ସୁମରି ବାହାର ହେଲେ ॥
ତାଦେଖି ସମସ୍ତେ ହେଲେ ଆନନ୍ଦ । କାହାର ମନରେ ନାହିଁ ବିଷାଦ ॥
କେ ବୋଲେ ଏକଥା ହୋଇଲା ଭଲ । ଆମ୍ଭମାନଙ୍କଠାରୁ ଗଲା ସଲ ॥
ଏମନ୍ତେ ଅନେକ ଭଣ୍ଡ ନା କରି । ତାଙ୍କ ଅମଙ୍ଗଳ ବାଞ୍ଛି ସୁମରି ॥
ସବୁରି ମନବାଞ୍ଛା ହେଲା ପୂର୍ଣ୍ଣ । ଗୃହରେ ରହିଲେ ଆନନ୍ଦ ମନ ॥
ବୃଦ୍ଧ ସାଧବର ବିରସ ମନ । ସେ ନପୁଅକୁ ଯେ କରେ କଲ୍ୟାଣ ॥
ଏକ ଫଳବାକୁ ଗୃହରୁ ଗଲୁ । ଉତ୍ତମ ଯମ ତୋ କପାଳେ ମିଳୁ ॥
ଏହା କହି ହୃଦେ କଲ୍ୟାଣ କଲା । ପାଳଦାତା କଥା ନଷ୍ଟେ ରହିଲା ॥
ସୁବୁଦ୍ଧି ସାଧୁ ଯେ କୁଟମ୍ବ ଘେନ । ଆପଣା ଗୃହରେ ରହିଲା ପୁଣି ॥
ଏଥୁ ଅନ୍ୟାନ୍ୟ କଥା ଶୁଣ ଭଲେ । ତେଣେପୁଅବୋହୂ ଅବସ୍ଥା ହେଲେ
ପଥରେ ଚାଲନ୍ତେ ଦେଖ ପସଣୀ । ଆହା ଦଇବ ଏହାକଲୁ ଆଣି ॥
ଏହା କହିଣ ପଥ ବହିଯାନ୍ତି । ଗୃହରୁ ଆସିବା ଦିନ ଗଣନ୍ତି ॥
ପାଞ୍ଚଦିନ ହେଲା ବୋଲି ବିଚାରି । ଆମ୍ଭଙ୍କୁ ବିହିକଲା ଏତେସରି ॥
ତେଣେ ଦଇବ ଘଟସୁହ ଜାଣ । ନାଶ ହୋଇଛୁ କନକ ରାଜନ ॥
ସେଦେଶେ ରାଜନ ହୋଇଛୁ ନାଶ । ହସ୍ତୀ ଉପରେ ସୁବର୍ଣ୍ଣ କଳସ ॥
ମଣ୍ତ୍ରୀ କରନ୍ତି ସକଳ ସାର । କଳସ ଢାଳିବ ଯାହା ଉପର ॥
ସେହିଯେ ରାଜାହୋଇବେଟି ଜାଣ । ଏ ବାଞ୍ଛା ହୋଇବ ସମସ୍ତ ମନ ॥
ଏହି ସମୟରେ ସାଧବ-ଘର । ପ୍ରବେଶ ହୋଇଲା ସେହି ରାଜ୍ୟର ॥

ତାହାର କପାଳ ହୋଇଲା ଫେର । ଦୟାକଲେ ତାଙ୍କୁ ଦୟାସାଗର ।।
ହସ୍ତୀ ବୁଲୁଅଛୁ ଆରତ ହୋଇ । ସୁବର୍ଣ୍ଣ କଳସ ଢାଳିବା ପାଇଁ ।।
ସାଧବ ପୁଅ ସେହିସ୍ଥାନେ ମିଳି । ହସ୍ତୀ ଆଣି ସୁନା କଳସ ଢାଳି ।।
ସାଧବ ପୁଅ ମୁଣ୍ଡରେ ଢାଳିଲା । ହସ୍ତୀଦେଖି ତାଙ୍କୁ ଜଗତ ହେଲା ।।
ସମସ୍ତ ଛିଛିକାର କରୁଥିଲେ । ସୁନା କଳସକୁ ଘେନ ଅଇଲେ ।।
ହସ୍ତୀ ଉପରେ ରଖିଲେ ବହନ । ବୋଲନ୍ତି ଏକା ରାଜାଙ୍କୁ ଭଜନ ।।
ଦଇବ କଥା କେ କରିବ ଆନ । ପୁଣି ଯେ ହସ୍ତୀ ଅଇଲା ବହନ ।।
ସାଧବ ସାନପୁଅ ମସ୍ତକରେ ଢାଳିଲା । ଶୂନ୍ୟରୁ ଜୟ ଶବଦ ଶୁଭିଲା ।।
ଦେବତାମାନେ ପୁଷ୍ପବୃଷ୍ଟି କଲେ । ଏହି ରାଜ୍ୟରେ ରାଜାହୁଅ ଭଲେ ।।
ପ୍ରଜାମାନେ ଦେଖି ଆନନ୍ଦ ହେଲେ । ରାଜାକୁ ହସ୍ତୀପରେ ବସାଇଲେ ।।
ରାଣୀକୁ ଖଡ଼ଖଡ଼ରେ ବସାଇ । ଜୟଶବଦେ ଚହୁଁ ବେଢେଯାଇ ।।
ରାଜାନଗରେ ପ୍ରବେଶ ହୋଇଲେ । ପାତ୍ର ମନ୍ତ୍ରୀ ସବୁ ଜୁହାର କଲେ ।।
ଅଭିଷେକ ଦ୍ରବ୍ୟ ତକ୍ଷଣେ ଆଣି । ଅଭିଷେକ କଲେ ରାଜାକୁ ପୁଣି ।।
କନକ ଗାଦି ଗୋଟିକରେ ପୁଣ । ତହିଁ ହୋଇଲେ ରାଜାଧିରାଜନ ।।
ସାଧବବୋହୂ ହେଲେ ପାଟରାଣୀ । ଧର୍ମ ବୁଝାମଣା ସେକଲେ ପୁଣି ।।
ଧର୍ମରେ ରହି ପରଜା ପାଳିଲେ । ପ୍ରଜାମାନେଦେଖି ଆନନ୍ଦହେଲେ
ରହିଲେ ପ୍ରଜାମାନେ ସୁସ୍ଥ ହୋଇ । ଧନ୍ୟ ଶବଦ ସଂସାରେ ଶୁଭଇ ।।
ଏମନ୍ତେ ତହିଁ କିଛୁଦିନ ଗଲା । ଆଶ୍ୱିନମାସ ପ୍ରବେଶ ହୋଇଲା ।।
ରାଣୀ କହିଣ ମନେ ବିଚାରଇ । ଷଠୀଦେବୀ ଓଷା କରିବ ମୁହିଁ ।।
ରାଜାଙ୍କୁ ଡାକି ସମସ୍ତ କହିଲା । ଷଠୀଦେବୀଓଷା ଆସି ହୋଇଲା ।।
ରାଣୀ ମୁଖ ଚାହିଁ କହେ ରାଜନ । ଓଷା କର ତୁମ୍ଭେ ଆନନ୍ଦ ମନ ।।
ଓଷା ଦ୍ରବ୍ୟମାନ ସକଳ ଆଣି । ତହିଁରେ ଓଷାକଲେ ପାଟରାଣୀ ।।
ପାଞ୍ଚପାଳି ଓଷା ହୋଇଲା ପୂର୍ଣ୍ଣ । ଏଥିଉତ୍ତରେ ମନଦେଇ ଶୁଣ ।।
ଗର୍ଭବାସ ହୋଇଲେ ପାଟରାଣୀ । ଦେଖି ଆନନ୍ଦ ମନ ନୃପମଣି ।।
ଦଶମାସ ପହୁଁ ହେଲା ସମ୍ପୂର୍ଣ୍ଣ । ଜନମ ହୋଇଲା ଏକ ନନ୍ଦନ ।।

ଗୋବିନ୍ଦଚନ୍ଦ୍ର ନାମ ତାର ଦେଲେ । ଦିନୁ ଦିନୁ ପୁତ୍ର ବଢ଼ଇ ଭଲେ ॥
ଏହିପରି ହେଲେ ସପ୍ତକୁମର । ଦେଖି ଆନନ୍ଦ ରାଜା ନୃପବର ॥
ଅତି ଆନନ୍ଦରେ ପୁଅ ବଢ଼ିଲେ । ସପ୍ତବରଷେ ବିଦ୍ୟା ଆରମ୍ଭିଲେ ॥
ପଢ଼ିଣ ବିଦ୍ୟା ଜାଣିଲେ ସକଳ । ପୁସ୍ତକ ବଖାଣନ୍ତି ଅନର୍ଗଳ ॥
ସକଳଶାସ୍ତ୍ରେ ହୋଇଲେ ନିପୁଣ । ଷଠୀଦେବୀଙ୍କ ପ୍ରସାଦରୁ ପୁଣ ॥
ରାଜା ଖେଳରେ ରହିଲେ ରାଜନ । ତେଣେ ସାଧବକଥା କହୁ ଶୁଣ ॥
ମହାବିପତ୍ତି ତା କର୍ମେ ପଡ଼ିଲା । ମାନ ଅପଘାତ ମାନ ହୋଇଲା ॥
ଖେଳଗଲେ ପୁତ୍ର ଅଇଲେ ନାହିଁ । ଚରିଗଲେ ଗୋରୁ ଅଇଲେ ନାହିଁ ॥
ଧନ ଦ୍ରବ୍ୟ ସବୁ ହୋଇଲା ନାଶ । ଦେଖି ସାଧବ ଉଡ଼ିଲା ସାହସ ॥
ଅତି ଦୁଃଖରେ ବଞ୍ଚୁଥାଇ ଦିନ । ଅତିମଳିନ ହୋଇଲେ ସେ କ୍ଷୀଣ ॥
ଏହି ସମୟରେ କହୁ ବିଶେଷି । ଦୁର୍ଭିକ୍ଷ କାନ୍ତାର ପଡ଼ିଲା ଆସି ॥
ସମସ୍ତେ ବଡ଼ ନାରଖାର ହେଲେ । ଏଥିଅନ୍ତରେ କଥା ଶୁଣ ଭଲେ ॥
ମନେ ବିଚାରି କନକ ରାଜନ । ଦୁର୍ଭିକ୍ଷ କାନ୍ତାର ହୋଇଲା ପୁଣ ॥
ରାଜରାଣୀ ବସି ବିଚାର କଲେ । ପିତାମାତା ଭ୍ରାତାଅଛେକେଭଲେ ॥
କେଉଁପରି ତାଙ୍କୁ ପାଇବା ଭେଟ । ଏତେକହି ରାଜା ମନ ଉଚ୍ଚାଟ ॥
ପାତ୍ର ମନ୍ତ୍ରୀ ସବୁ ଡ଼କାଇ ଆଣି । ବିଚାର କରୁଛନ୍ତି ନୃପମଣି ॥
ଦୁର୍ଭିକ୍ଷକାନ୍ତାର ଆସି ପଡ଼ିଲା । ଆମ୍ଭର ଧର୍ମ କିଛୁ ନ ରହିଲା ॥
ଗୋଟିଏ ପୁଷ୍କରିଣୀ ଖୋଳାଇବା । ଯାହାକହିବେ ତାହା ମୂଲଦେବା
ଗାଣ୍ଡୁ ଆଏ ମାଟି ଯେହୁ କାଢ଼ିବ । ଗଣ୍ଡାଏ କଉଡ଼ି ସେ ଘେନିଯିବ ॥
ଗଣ୍ଡାକଉଆ ହେବ ପୋଖରୀ ନାମ । ଶୁଣିସନ୍ତୋଷ ହୋଇଲେ ରାଜନ ॥
ପୋଖରୀକ ବେଗେ ଆରମ୍ଭ କଲେ । ମୂଲିଆଲଗାଇ ଖୋଳ ବୋଇଲେ
ମାତାପିତାଙ୍କ ଭେଟହେବା ପାଇଁ । ପୋଖରୀଖୋଳାଇଲେ ନୃପସାଇଁ ॥
ଏକଥା ଲୋକେ ନଜାଣନ୍ତି କେହି । ନାନାଦେଶ ଲୋକେ ଖୋଳନ୍ତିରହି
ପିତାମାତାଙ୍କୁ ପାଇବାକୁ ଭେଟ । ରାଜନ ଜଗି ବସିଥାନ୍ତି ବାଟ ॥
ତେଣେ ସାଧବ ଖେଳର ଅବସ୍ଥା । ଶୁଣିପାରିଲା ସେ ପୋଖରୀକଥା ॥

କୁଟୁମ୍ବଯାକ ସମସ୍ତ ବସାଇ । ପୋଖରୀ ଖୋଳିବା ସ୍ଥଳ ଦେଖାଇ॥
ପୋଖରୀ ଖୋଳଣ ପୋଷିବା ପେଟ । ସମସ୍ତେ ଶୁଣି ହୋଇଲେ ଜଛାଟ॥
ଘରୁ ବାହାରିଣ ଗଲେ ସଧୀରେ । ପ୍ରବେଶ ହେଲେ ଜନକ ରାଜ୍ୟରେ॥
ପୋଖରୀ ଖୋଳା କୂଳରେ ବସିଲେ । ରାଜାଙ୍କୁ ସ୍ୱର୍ଣ୍ଣ ବଚନ ବୋଇଲେ॥
ବୋଲନ୍ତି ପୋଖରୀ ଆମ୍ଭେ ଖୋଳିବୁ । ତୁମ୍ଭ ଦାନା ଖାଇ ପେଟ ପୋଷିବୁ॥
ଏମନ୍ତ ବଚନ ଯହୁଁ ଶୁଣିଲେ । ମାତାପିତା ବୋଲି ତହୁଁ ଚିହ୍ନିଲେ
ମାତାପିତାଙ୍କୁ କହନ୍ତି ସଧୀରେ । ତୁମ୍ଭେ ବସିଥାଅ ବୃକ୍ଷମୂଳରେ ॥
ଆଜ ସମସ୍ତେ ଖୋଳନ୍ତୁ ପୋଖରୀ । ଏମନ୍ତ କହି ରାଜା ଗଲେ ଫେରି ॥
ନଅରେ ଯାଇ ପ୍ରବେଶ ହୋଇଲେ । ଧନ୍ୟ ଧଇଦ ଭେଟାଇଲେ ଭଲେ ॥
ତହୁଁ ରାଜନ ବେଗେ ଚଳଯାଇ । ଧୋବା ଭଣ୍ଡାରୁ ଆଣିଲେ ଡକାଇ ॥
ମାତାପିତାଙ୍କୁ ସବୁ ଚହ୍ନାଇଲେ । ଏହାଙ୍କୁ ନିର୍ମଳ କର ବୋଇଲେ ॥
ଜଳ ଆସ ତୋଳାଇ ନିର୍ମାଣ କର । ମାତାପିତାଙ୍କୁ ପାଶକୁ ହକାର ॥
ବୋଇଲେ ଏଥରେ ସୂକ୍ଷ୍ମରେ ରୁହ । ତା ଦେଖି କମ୍ପଇ ସାଧବ ଦେହ॥
ନିର୍ଭୟେ ରାଜନ ହସି କହଇ । ଏଥରେ ରୁହ ତୁମ୍ଭେ ସୁସ୍ଥ ହୋଇ ॥
ସଜଳ ଦ୍ରବ୍ୟରେ ଘରେ ପୂରାଇ । ସମସ୍ତଙ୍କୁ ରାଜା ରଖିଲେ ନେଇ ॥
ଏଥୁଅନ୍ତେ ଶୁଣ ପୂର୍ବ ରହସ୍ୟ । ଯୋଗେ ହୋଇଅଛୁ ଆଶ୍ୱିନ ମାସ॥
ଷଠୀଦେବୀଙ୍କ ବୁଧବାର ଓଷା । ଆସି ପଡ଼ିଲା ସେ ଦିନର ନିଶା ॥
ରାଣୀ ନବରରେ ଓଷା ପୂଜଇ । ଆନନ୍ଦେ ହୁଳହୁଳି ମାନ ଦେଇ ॥
ଆହୁରି କଥାଏ ଥିଲା ମନରେ । କନକ ଚମ୍ପା ନବର ଭିତରେ ॥
ତୋଳନ୍ତି ପୁଅ ଆକୁଳ ବଢ଼ାଇ । ପୁତ୍ରଧର ମୁଖେ ଗୀତ ଗାଇ ॥
ଓଷାପୂଜା କଲେ କେତେ କୌତୁକ । ଗହଳେ ଶୁଭୁ ନାହିଁ ଡାକହାକ ॥
ଏହି ସମୟେ ସାଧବାଣୀ ବୁଢ଼ୀ । ଓଷା ଶୁଣି ହୋଏ କୋଡ଼କରୁଡ଼ି॥
ମୋହର ଘରେ ସାନ ବୋହୂ ଥିଲା । ଏ ବୁଧବାର ଓଷା କରୁଥିଲା ॥
ତା ଲାଗି ସମ୍ପତ୍ତି ଥିଲା ମୋହର । ତା ବିନୁ ସବୁ ହେଲା ଛାରଖାର॥
ଏହା କହିଣ ବୁଢ଼ୀ କାନ୍ଦୁଥିଲା । ପୋଷିଲି ତାହାର କଥା ଶୁଣିଲା॥

ରାଣୀଙ୍କ ଆଗରେ କହିଲା ଯାଇ । ତା ଶୁଣି ରାଣୀ ତାହାକୁ ଡକାଇ ॥
ରାଜରାଣୀ ଦୁହେଁ ବସ୍ତ୍ର ଦେଲେ । ଶୁଆର ନେଇ ଘେନିଆସ ଭଲେ ॥
ତା ଶୁଣି ଡଗର ତତକ୍ଷଣ ଗଲା । ସାଧବ ବୁଢ଼ୀକି ଘେନି ଆଇଲା ॥
ଦେଖିଣ ବୁଢ଼ୀ ମନେ ବିଚାରଇ । ଏ ଓଷା ମୋ ସାନବୋହୂ କରଇ
ଏହି ସମୟରେ ଉଠିଲେ ରାଣୀ । ଶାଶୂଙ୍କୁ ନମସ୍କାର କଲେ ପୁଣି ॥
ବୁଢ଼ୀ ତାହାଦେଖି କାତର ହେଲା । ରାଜା ରାଣୀଙ୍କୁ ବୁଢ଼ୀ ପଚାରିଲା ॥
କାହିଁକି ମତେ କରୁଛ ଏମନ୍ତ । ରାଜା କହିଲେ ସବୁ ଆଦ୍ୟପ୍ରାନ୍ତ ॥
ସବୁକଥା ବୁଢ଼ୀ କର୍ଣ୍ଣେ ଶୁଣିଲା । କ୍ରୋଧଭରରେ ବୁଢ଼ୀ କାନ୍ଦି ଉଠିଲା
ତାହାଦେଖି ରାଜା ରାଣୀ କାନ୍ଦନ୍ତି । ପରିବାର ଲୋକେ କ୍ରନ୍ଦନ କରନ୍ତି ॥
ବାପ ଭାଇ ବୋହୂ ଡକାଇନେଇ । ରୁଣ୍ଡ ହୋଇଲେ ଚହଳାଚହଳି ହୋଇ
ଯେଯାହା ସବୁ ଚହଳାଚହଳି ହେଲେ । ଉଡ଼ଦାତେ ପୃଥିବୀ କମ୍ପାଇଲେ ॥
ବୁଢ଼ାବୁଢ଼ୀଙ୍କର ସପତ ନାତି । ଆଙ୍କୁଡ଼ି ବଢ଼ାଇ ଫୁଲ ତୋଳନ୍ତି ॥
ବହୁତ ଆଶ୍ୱାସି ତାହା ବୋଲେ । ନାତିମାନଙ୍କୁ କୋଳେ ବସାଇଲେ
ରାଣୀ ଆନନ୍ଦେ ଏ ଓଷା ପୂଜିଲେ । ଏହିସମୟେ କେତେ କଥାହେଲେ
ଷଠୀଦେବୀଙ୍କ ଓଷା ପୂଜା ସାରି । ସମସ୍ତେ ବସିଲେ ଭୋଜନ କରି ॥
ଭୋଜନ ସାରି ନିଶି ପହୁଡ଼ିଲେ । ସେ ରାଜ୍ୟଲୋକେ ସମସ୍ତେ ଜାଣିଲେ
ବେହେରପଧାନ ବୁଢ଼ା ହୋଇଲେ । ବୁଢ଼ୀବେହେର ପଧାଣୀ ହେଲେ
ଭାଇମାନେ ହେଲେ ଗାଁ ପଧାନ । ବୋହୂମାନେ ପଧାଣୀ ସେଜାଣ
ଯେଯାହା ସୁଖେ ସୁସ୍ଥରେ ରହିଲେ । ରାଜସାଙ୍ଗ କଥା ରାଜା ବୁଝିଲେ ॥
ରାଣୀଙ୍କ ହୋଇଲା ସବୁ ପ୍ରାପତ । ଷଠୀଦେବୀଙ୍କ ଯେଣୁ କଲା ବ୍ରତ ॥
ପୁତ୍ର ସମ୍ପଦ ରାଜପୁତ୍ର ପାଇ । ବାଞ୍ଛାକଲା ଫଳ ସବୁ ମିଳଇ ॥
ଅର୍ଘ୍ୟଦେଇ ଯାହା ମାଗିଣ ଥିଲା । ବିଧାତା ଆଣି ସବୁ ତାକୁଦେଲା ॥
ତେଣୁ ସେ ମନରେ କଲା ନିଶ୍ଚିତ । ସବୁ କଥାମାନ ହେଲା ପ୍ରାପତ ॥
ଏହା ଭାବ ସବୁ ନିଶ୍ଚିତ କର । ପୁତ୍ର ସମ୍ପଦ ପାଇବ ନିକର ॥
ଏ କଥା ଶୁଣି ଯେ ଟାହି କରିବ । ହାସ୍ୟ କଲେ କଷ୍ଟେ ଦଣ୍ଡପାଇବ ॥

ଦେବକନ୍ୟାଙ୍କର ଏ ଅଟେ ବାଣୀ । ଶୁଣି କହିଲ ନେତାଇ ଧୋବଣୀ
ପୂର୍ବରୁ ହୋଇଥିଲା ଏକଥା । ଶ୍ରୀଗୁରୁ ଆଜ୍ଞାରୁ କଲି ମୁଁ ପୋଥା
ସୁଜନମାନେ ନକରିବ ହାସ୍ୟ । ବୁଝିଲେ ଅଛନ୍ତି ପରମ ରସ ॥
ଜ୍ୟୋତିଷ ମନୁ ଷଡ଼ରହ କହି । ଶ୍ରୀଗୁରୁ ଚରଣ ପଙ୍କଜେ ଧ୍ୟାୟି ॥
ଗୁରୁ ପାଦଧ୍ୟାୟି ମୋ ଗୀତଯାଉ । ସୁଜନମାନେ ଏତ୍ତ ଆଜ୍ଞା ଦେଉ
ଢେଙ୍କାନାଳ ରାଜ୍ୟ ଅଟେ ମୋଘର । ଗଣ୍ଡିଆ ଗ୍ରାମରେ ଜନ୍ମ ମୋହର
ଲେଖିଲ ଶିବ ଶିବା ଧ୍ୟାୟି କରି । ଏପାପ ପଙ୍କରୁ ନେବେ ଉଦ୍ଧରି ॥

ଇତି ଶ୍ରୀ ଖୁଦୁରୁକୁଣି ଓଷାକଥା ସମ୍ପୂର୍ଣ୍ଣ ।

—❋—

ମୁଦ୍ରାକର—ପରମେଶ୍ବର ପ୍ରେସ, ଅଲଣାବଜାର, କଟକ-୨.

ବିଜ୍ଞାପନ

ହେ ଧର୍ମପିପାସୁଗଣେ,

ଆପଣମାନେ ବହୁପୂର୍ବରୁ ଆମମାନଙ୍କ ପତ୍ରିକାର ପୁସ୍ତକର ସହିତ ଅତି ପରିଚିତ, ଯେହେତୁ ଧର୍ମଗ୍ରନ୍ଥମାନଙ୍କର ପ୍ରଚାର କରିବା ନିମିତ୍ତ ଆମେ ଚେଷ୍ଟା କରିଆସୁଛୁ । ଏଥିରୁ ଆପଣମାନଙ୍କ ନିକଟରେ ଅନେକ ବହୁ ଗ୍ରନ୍ଥ ଓ ତାହାଙ୍କଠାରୁ ଶ୍ରେଷ୍ଠ ଅନୁବାଦିତ ପଦ୍ୟ କରି ଆମେ ଆଜିଠାରୁ "ଧର୍ମଗ୍ରନ୍ଥ ପୁସ୍ତକ" ଷ୍ଟୋର ସ୍ଥାପନ କରିଛି । ଆପଣ ପୂର୍ବପରି ଏଥିପ୍ରତି ଆପଣଙ୍କର ପ୍ରୀତି ନଷ୍ଟ ହେବ ।

ଏଥିରେ ପ୍ରକାଶିତ ହୁଏ "ଧର୍ମଗ୍ରନ୍ଥ" ଅନୁଯାୟୀ ସବୁ ପୁସ୍ତକ ... ... "ଭକ୍ତି ଭଜନ" ... ... (ଭାଗବତ ଓ ଧର୍ମଗ୍ରନ୍ଥ) ... "ଧର୍ମଗ୍ରନ୍ଥ" ପୁସ୍ତକରେ "ଭାଗବତ" ଓ ... "ଜଗନ୍ନାଥ" ... ... ପ୍ରକାଶ କରିଛନ୍ତି ।

ଏଥିରୁ ... ... ଆପଣଙ୍କର ଯୋଗାଯୋଗ କରନ୍ତୁ ।

ଯୋଗାଯୋଗ ଠିକଣା—

ପ୍ରକାଶକ — ଧର୍ମଗ୍ରନ୍ଥ ଷ୍ଟୋର ।

ସ୍ୱତ୍ୱାଧିକାରୀ — ... ସାହୁ

... ବଜାର, କଟକ-୨